ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1444/15-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୫ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାରେ କୋଭିଡ୍-୧୯ ପରିଚାଳନାରେ ସମୟୋଚିତ ପ୍ରସ୍ତୁତି, ନିୟନ୍ତ୍ରଣ ପଦକ୍ଷେପ, ଫଳପ୍ରଦ ପ୍ରଶାସନ ଏବଂ ପ୍ରମାଣ ଆଧାରିତ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ବ୍ୟାପକ ନିରୀକ୍ଷଣ, ପରୀକ୍ଷଣ ଓ ଚିକିତ୍ସା ଯୋଗୁଁ ମହାମାରୀ ସଂକ୍ରମଣକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇପାରିଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଖାଉଟି ଅଧିକାର ଦିବସ ଅବସରରେ ସମସ୍ତଙ୍କ ପାଇଁ ଏକ ସୁଲଭ, ସୁରକ୍ଷିତ ଏବଂ ପୋଷଣୀୟ ବଜାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଖାଉଟିମାନଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସହ ଜିନିଷର ଗୁଣବତ୍ତା ଏବଂ ମୂଲ୍ୟ ବାବଦରେ ସଚେତନ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୈଷୟିକ ଜ୍ଞାନକୌଶଳସଂଯୁକ୍ତ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସହିତ ପ୍ରତ୍ୟକ୍ଷ ଆୟ ସହାୟତା ଯୋଜନା ନିମନ୍ତେ କାଳିଆ ଏକ ଉଦାହରଣ ସାବ୍ୟସ୍ତ ହୋଇଛି । ଏକତ୍ରୀକରଣ, ଯାଞ୍ଚ, ବହିଷ୍କାର ପରି ତିନୋଟି ସୂତ୍ର ସାମାଜିକ କଲ୍ୟାଣ ପଦ୍ଧତିରେ ରୂପାନ୍ତରଣ ଆଣିପାରିଛି ବୋଲି ସେ କହିଛନ୍ତି ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୬,୪୨,୧୨୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୨୫୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୬୬୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୨୭ ରହିଛି ।
- ୬୨୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**